# NATIONAL NEWS BULLETIN (ODIA)

## 21 February - 2026

## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ଦ୍ୱିପାକ୍ଷିକ ବାଣିଜ୍ୟକୁ ଆସନ୍ତା ୫ ବର୍ଷ ମଧ୍ୟରେ ୨୦ ବିଲିୟନ୍ ଡଲାର୍‌କୁ ବୃଦ୍ଧି କରିବା ନେଇ ଅଙ୍ଗୀକାର ବଦ୍ଧତା ପ୍ରକାଶ କଲେ ଭାରତ ଓ ବ୍ରାଜିଲ୍ ।

– ଦୁଇ ଦେଶ ମଧ୍ୟରେ ସ୍ୱାକ୍ଷରିତ ହେଲା ୧୦ଟି ବୁଝାମଣାପତ୍ର ।

- ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଆସନ୍ତାକାଲି ଦେଶବାସୀଙ୍କ ସହ ଭାବ ବିନିମୟ କରିବେ ପ୍ରଧାନମନ୍ତ୍ରୀ ।

- ଆସାମର କଚୁଟୋଲି ଠାରେ ଦଶମ ଆସାମ ପୁଲିସ୍ ବାଟାଲିୟାନ୍‌ର ନୂତନ କ୍ୟାମ୍ପସ୍‌ର ଶିଳାନ୍ୟାସ କଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।

ଏବଂ

- ଭାରତ-ଅଷ୍ଟ୍ରେଲିଆ ମହିଳା ଟି-ଟ୍ୱେଣ୍ଟି ତିନିଟିକିଆ କ୍ରିକେଟ୍ ସିରିଜ୍‌କୁ ୨-୧ରେ ଅକ୍ତିଆର କଲା ଭାରତ ।

# ପିଏମ୍-ବ୍ରାଜିଲ୍ ବାଇଲେଟରାଲ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀର ହାଇଦ୍ରାବାଦ୍ ହାଉସ୍‌ଠାରେ ବ୍ରାଜିଲ୍ ରାଷ୍ଟ୍ରପତି ଲୁଇସ୍ ଇନାସିଓ ଲୁଲା ଦାସିଲ୍‌ଭାଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ସମ୍ପର୍କ ନେଇ ବ୍ୟାପକ ଆଲୋଚନା କରିଛନ୍ତି । ବୈଦେଶିକ ମନ୍ତ୍ରଣାଳୟ କହିଛି, ବାଣିଜ୍ୟ, ଶକ୍ତି, ପ୍ରତିରକ୍ଷା, କୃଷି, ଜଳବାୟୁ ପରିବର୍ତ୍ତନ, ପ୍ରଯୁକ୍ତିବିଦ୍ୟା, କୃତ୍ରିମ ବୁଦ୍ଧିମତା, ସେମିକଣ୍ଡକ୍ଟର, ବିରଳ ଖଣିଜ ପଦାର୍ଥ ଏବଂ ଦକ୍ଷିଣ ବିଶ୍ୱ ସହଯୋଗ ନେଇ ଉଭୟ ନେତାଙ୍କ ମଧ୍ୟରେ ମତ ବିନିମୟ ହୋଇଛି । ଏକ ସମାବେଶୀ ଏବଂ ବହୁପକ୍ଷୀୟ ଚିନ୍ତାଧାରା ଆଧାରରେ ସହଭାଗିତା ନେଇ ଉଭୟ ଦେଶ ସେମାନଙ୍କ ଦୃଷ୍ଟିକୋଣକୁ ପୁନଃ ପ୍ରତିପାଦନ କରିଛନ୍ତି । ଜାତିସଂଘ ସୁରକ୍ଷା ପରିଷଦରେ ଜରୁରୀ ସଂସ୍କାର ନେଇ ଉଭୟ ଦେଶ ଆହ୍ୱାନ ଦେଇଛନ୍ତି ।

ଦୁଇ ଦେଶ ମଧ୍ୟରେ ବିରଳ ଖଣିଜ, ଡିଜିଟାଲ ସହଯୋଗ, ପାରମ୍ପରିକ ଜ୍ଞାନର ଆଦାନପ୍ରଦାନ, ସ୍ୱାସ୍ଥ୍ୟ, ଏମ୍.ଏସ୍.ଏମ୍.ଇ., ଉଦ୍ୟୋଗ ଏବଂ ଗଣଯୋଗାଯୋଗ ଭଳି ବିଭିନ୍ନ କ୍ଷେତ୍ରରେ ମୋଟ୍ ୧୦ଟି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଆଗାମୀ ୫ ବର୍ଷ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟକୁ ୨୦ ବିଲିୟନ୍ ଡଲାର୍‌ରୁ ଅଧିକ କରିବାକୁ ଉଭୟ ପକ୍ଷ ଅଙ୍ଗୀକାର ବଦ୍ଧତା ପ୍ରକାଶ କରିଛନ୍ତି । ବୈଠକ ପରେ ମିଳିତ ବିବୃତ୍ତିରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି, ରାଷ୍ଟ୍ରପତି  ଲୁଲାଙ୍କ ନେତୃତ୍ୱରେ

ଦ୍ୱିପାକ୍ଷିକ ସମ୍ପର୍କ ମଜବୁତ ହୋଇଛି । ଭାରତ-ବ୍ରାଜିଲ ବାଣିଜ୍ୟ ବିଶ୍ୱାସର ପ୍ରତିଫଳନ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।

**VO-1-PM-ON-TRADE**

ପ୍ରଧାନମନ୍ତ୍ରୀ କହିଛନ୍ତି, ବ୍ରାଜିଲ୍‌ରେ ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି ବିକାଶ ପାଇଁ ଏକ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ଉପରେ ଉଭୟ ଦେଶ କାର୍ଯ୍ୟ କରୁଛନ୍ତି । ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ କେବଳ ଉଭୟ ଦେଶ ନୁହଁ ବରଂ ଦକ୍ଷିଣ ବିଶ୍ୱ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।

**VO-2--PM-ON-CENTRE-OF-EXCELLENCE**

ଶ୍ରୀ ମୋଦୀ କହିଛନ୍ତି, ଆତଙ୍କବାଦ କାର୍ଯ୍ୟକଳାପ ଏବଂ ଏଥିରେ ସଂଶ୍ଳିଷ୍ଟ ବ୍ୟକ୍ତିବିଶେଷ ମାନବତାର ଶତ୍ରୁ ବୋଲି ଉଭୟ ଭାରତ-ବ୍ରାଜିଲ୍ ସହମତ । ସାମ୍ପ୍ରତିକ ସମୟର ଆହ୍ୱାନଗୁଡ଼ିକୁ ମୁକାବିଲା ଦିଗରେ ବିଶ୍ୱ ପ୍ରତିଷ୍ଠାନଗୁଡ଼ିକର ସଂସ୍କାର ଅତ୍ୟନ୍ତ ଜରୁରୀ ବୋଲି ଉଭୟ ଦେଶ ଏକମତ ହୋଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି ।

ଏହା ପୂର୍ବରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଲୁଲାଙ୍କୁ ଆନୁଷ୍ଠାନିକ ଭାବେ ସ୍ୱାଗତ କରିଥିଲେ । ରାଷ୍ଟ୍ରପତି ଶ୍ରୀ ଲୁଲା ରାଜଘାଟ ଗସ୍ତ କରି ବାପୁଜୀଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

## ଏଆଇ-ଇମ୍ପାକ୍ଟ ସମିଟ୍ ଡିକ୍ଲାରେସନ୍

ଭାରତ କୃତ୍ରିମ ବୁଦ୍ଧିମତା ପ୍ରଭାବ ସମ୍ମିଳନୀ ୨୦୨୬ରେ ନୂଆଦିଲ୍ଲୀ ଘୋଷଣାନାମା ଗୃହିତ ହୋଇଛି । କୃତ୍ରିମ ବୁଦ୍ଧିମତା କ୍ଷେତ୍ରରେ ବିଶ୍ୱ ସହଯୋଗ ନେଇ ଏହା ଏକ ଉଲ୍ଲେଖନୀୟ ନିଷ୍ପତ୍ତି । ନୂଆଦିଲ୍ଲୀ ଘୋଷଣାନାମାକୁ ମୋଟ୍ ୮୮ଟି ଦେଶ ଓ ଆନ୍ତର୍ଜାତିକ ସଂଗଠନ ଅନୁମୋଦନ କରିଛନ୍ତି । ଅର୍ଥନୈତିକ ଅଭିବୃଦ୍ଧି ଏବଂ ସାମାଜିକ ମଙ୍ଗଳ ଉଦ୍ଦେଶ୍ୟରେ କୃତ୍ରିମ ବୁଦ୍ଧିମତାର ଉପଯୋଗ ନେଇ ବିଶ୍ୱସ୍ତରୀୟ ବ୍ୟାପକ ସହମତିକୁ ଏହା ପ୍ରତିଫଳନ କରୁଛି । ଗତକାଲି ଶେଷ ହୋଇଥିବା ଏହି ଶିଖର ସମ୍ମିଳନୀରେ ସମଗ୍ର ବିଶ୍ୱରୁ ବହୁ ରାଷ୍ଟ୍ର ତଥା ଅନୁଷ୍ଠାନ ଅଂଶଗ୍ରହଣ କରିଥିଲେ । ସର୍ବଜନ ହିତାୟ, ସର୍ବଜନ ସୁଖାୟ ନୀତି ଆଧାରିତ ଏହି ଘୋଷଣାନାମା ମାନବଜାତିର ସୁଫଳ ନେଇ ଏ.ଆଇ.ର ଉପଯୋଗକୁ ଦର୍ଶାଇଛି । ମାନବ, ପୃଥିବୀ ଏବଂ ବିକାଶ ଆଧାରିତ ତିନୋଟି ସୂତ୍ର ଉପରେ ସମ୍ମିଳନୀରେ ଯୋଗଦେଇଥିବା ରାଷ୍ଟ୍ର ଏବଂ ସଂଗଠନ ଗୁଡ଼ିକ ସହମତି ପ୍ରକାଶ କରିଛନ୍ତି ।

## ଏଆଇ-ଏକ୍ସପୋ ଲାଷ୍ଟ ଡେ

ନୂଆଦିଲ୍ଲୀର ଭାରତ ମଣ୍ଡପମ୍ ଠାରେ ଚାଲିଥିବା ଭାରତ କୃତ୍ରିମ ବୁଦ୍ଧିମତା ପ୍ରଭାବ ପ୍ରଦର୍ଶନ ଆଜି ଉଦ୍‌ଯାପିତ ହେଉଛି । ୧୦୦ରୁ ଅଧିକ

ଦେଶର ପ୍ରତିନିଧି, ନବସୃଜନକାରୀ, ଉଦ୍ୟୋଗୀ ଏବଂ ନୀତି ନିର୍ଦ୍ଧାରକ ଏଥିରେ ଏକତ୍ରିତ ହୋଇଛନ୍ତି । କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀଙ୍କଠାରୁ ସକାରାତ୍ମକ ପ୍ରତିକ୍ରିୟା ଦେଖିବାକୁ ମିଳିଛି । ପ୍ରଦର୍ଶନୀକୁ ୫ ଲକ୍ଷରୁ ଅଧିକ ଲୋକ ପରିଦର୍ଶନ କରିଛନ୍ତି । ପ୍ରଦର୍ଶନୀ ଅବସରରେ ବିଭିନ୍ନ ଆଲୋଚନା ଏବଂ କର୍ମଶାଳା ଅନୁଷ୍ଠିତ ହୋଇଛି ।

ଭାରତ ଏ.ଆଇ. ପ୍ରଭାବ ସମ୍ମିଳନୀ ଏବଂ ପ୍ରଦର୍ଶନୀର ସଫଳ ଆୟୋଜନ ବିଶ୍ୱ କୃତ୍ରିମ ବୁଦ୍ଧିମତା କ୍ଷେତ୍ରରେ ନବସୃଜନ, ସହଯୋଗ ଏବଂ ଦାୟିତ୍ୱପୂର୍ଣ୍ଣ ପ୍ରଯୁକ୍ତିବିଦ୍ୟା ବିକାଶ ପାଇଁ ଏକ ପ୍ରମୁଖ କେନ୍ଦ୍ର ଭାବେ ଭାରତର ସ୍ଥିତିକୁ ସୁଦୃଢ଼ କରିଛି ।

## ପିଏମ୍-ଇଣ୍ଡିଆ ଟିପ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଆଭାସୀ ମାଧ୍ୟମରେ ଉତ୍ତରପ୍ରଦେଶ ଯମୁନା ଏକ୍ସପ୍ରେସ୍ ୱେ ଶିଳ୍ପ ବିକାଶ ପ୍ରାଧିକରଣରେ ଏଚ୍‌ସିଏଲ୍ ଫକ୍ସକନ୍ ମିଳିତ ପ୍ରକଳ୍ପର  ଶିଳାନ୍ୟାସ କରିଛନ୍ତି । ଆଭାସୀ ମାଧମରେ ସମ୍ମିଳନୀକୁ ସମ୍ବୋଧନ କରି ଶ୍ରୀ ମୋଦୀ କହିଛନ୍ତି, ଉତ୍ତରପ୍ରଦେଶରେ ଏଚ୍‌ସିଏଲ୍ ଫକ୍ସକନ୍ ସେମିକଣ୍ଡକ୍ଟର ପ୍ରକଳ୍ପ ପ୍ରତିଷ୍ଠା ଦେଶର ପ୍ରଯୁକ୍ତିବିଦ୍ୟା ଆତ୍ମନିର୍ଭରଶୀଳତା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ

ପଦକ୍ଷେପ । ବିଶ୍ୱ ଚିପ୍ ଇକୋ ସିଷ୍ଟମ୍‌ରେ ଭାରତର ସ୍ଥିତିକୁ ଏହା ଅଧିକ ସୁଦୃଢ଼ କରିବ ।

ଏହି ଅବସରରେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଗତ ୧୧ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ନେତୃତ୍ୱରେ ଭାରତ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ଏକ ଶକ୍ତିକେନ୍ଦ୍ର ଭାବେ ଉଭା ହୋଇଛି । ଏବେ ଦେଶରେ ୧୨ ଲକ୍ଷ କୋଟି ଟଙ୍କାର ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ହେଉଛି ବୋଲି ସେ କହିଛନ୍ତି ।

## ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତାକାଲି ପୂର୍ବାହ୍ନ ୧୧ଟାରେ ଆକାଶବାଣୀରେ ମନ କି ବାତ କାର୍ଯ୍ୟକ୍ରମରେ ଦେଶ ଏବଂ ବିଦେଶର ଲୋକଙ୍କ ସହ ଭାବ ବିନିମୟ କରିବେ। ଏହା ହେଉଛି ମାସିକ ରେଡିଓ କାର୍ଯ୍ୟକ୍ରମର ୧୩୧ତମ ସଂସ୍କରଣ। ଏହି କାର୍ଯ୍ୟକ୍ରମ ଆକାଶବାଣୀ ଏବଂ ଦୂରଦର୍ଶନର ସମସ୍ତ ନେଟୱାର୍କ, ଆକାଶବାଣୀ ନ୍ୟୁଜ୍ ୱେବସାଇଟ୍ ଏବଂ ନ୍ୟୁଜ୍ ଅନ୍ ଏଆଇଆର୍ ମୋବାଇଲ୍ ଆପ୍‌ରେ ପ୍ରସାରିତ ହେବ। ଏହା ଆକାଶବାଣୀ ନ୍ୟୁଜ୍, ଡିଡି ନ୍ୟୁଜ୍, ପିଏମଓ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ୟୁଟ୍ୟୁବ୍ ଚ୍ୟାନେଲରେ ମଧ୍ୟ ପ୍ରସାରିତ ହେବ। ହିନ୍ଦୀ

ପ୍ରସାରଣ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରିବ ।

## ଅମିତ ଶାହା–ଆସାମ

ଆସାମର କାମରୁପ୍ ମେଟ୍ରୋ ଜିଲ୍ଲା ଅନ୍ତର୍ଗତ କଚୁଟୋଲିଠାରେ ଦଶମ ଆସାମ ପୁଲିସ୍ ବାଟାଲିୟାନ୍‌ର ନୂତନ କ୍ୟାମ୍ପସ୍‌ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଶିଳାନ୍ୟାସ କରିଛନ୍ତି । ୨୬୦ କୋଟିରୁ ଅଧିକ ଟଙ୍କା ଏହି କ୍ୟାମ୍ପସ୍ ନିର୍ମାଣ ପାଇଁ ଅଟକଳ କରାଯାଇଛି । ଏହି ଅବସରରେ ସମାବେଶକୁ ସମ୍ବୋଧନ କରି ଶ୍ରୀ ଶାହା କହିଛନ୍ତି, ଗତ ଦଶନ୍ଧି ମଧ୍ୟରେ ଆସାମ ପାଇଁ ୧୫ ଲକ୍ଷ କୋଟିରୁ ଅଧିକ ଟଙ୍କା ଆବଣ୍ଟନ କରାଯାଇଛି । ୫ ବର୍ଷ ମଧ୍ୟରେ ଆସାମ  ଭାରତର ଶିଳ୍ପ କେନ୍ଦ୍ର ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ରାଜ୍ୟର ଭିତ୍ତିଭୂମି ବିକାଶ ପାଇଁ କେନ୍ଦ୍ର ସରକାର ପର୍ଯ୍ୟାପ୍ତ ପାଣ୍ଠି ଆବଣ୍ଟନ କରିଥିବା ଉପରେ ସେ ଆଲୋକପାତ କରିଛନ୍ତି ।

**VO-3-AMIT-SHAH---Kamrup**

# ଛତିଶଗଡ଼

ଛତିଶଗଡ଼ରେ ଭୋଟର ତାଲିକାର ବ୍ୟାପକ ସଂଶୋଧନ ପରେ ନୂଆ ତାଲିକା ଆଜି ପ୍ରକାଶ ପାଇଛି । ସଂଶୋଧିତ ଭୋଟର ତାଲିକାରେ ୧ କୋଟି ୮୭ ଲକ୍ଷ ୩୦ ହଜାର ୯୧୪ ଜଣ ଭୋଟର ପଞ୍ଜିକୃତ ହୋଇଛନ୍ତି । ଭାରତୀୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ପରେ ଛତିଶଗଡ଼ରେ ଗତ ଅକ୍ଟୋବର ମାସ ୨୭ ତାରିଖରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିଲା । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି ଯେ ସଂଶୋଧନ ପ୍ରକ୍ରିୟାରେ ପ୍ରାୟ ୨୫ ଲକ୍ଷ ଭୋଟର ବାଦ୍ ପଡ଼ିଛନ୍ତି । ଡ୍ରାଫ୍ଟ ତାଲିକା ପ୍ରକାଶ ପରେ ଆପତ୍ତି ଅଭିଯୋଗର ବିଚାର କରାଯାଇ ତାଲିକାରେ ପ୍ରାୟ ୨ ଲକ୍ଷ ୩୫ ହଜାର ଭୋଟରଙ୍କ ନାମ ଅନ୍ତର୍ଭୁକ୍ତ କରାଯାଇଛି । ତାଲିକାରୁ ବାଦ୍ ପଡ଼ିଥିବା କିମ୍ବା ତଥ୍ୟ ତ୍ରୁଟିପୂର୍ଣ୍ଣ ଥିବା ଭୋଟରମାନେ ନିର୍ଦ୍ଧାରିତ ଫର୍ମରେ ପୁଣି ଦରଖାସ୍ତ କରିପାରିବେ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଜଣାଇଛନ୍ତି ।

# ୱିମେନ୍ସ-କ୍ରିକେଟ୍

ଅଷ୍ଟ୍ରେଲିଆର ଆଡିଲେଡ୍ ଓଭାଲ୍ ଷ୍ଟାଡିୟମ୍ ଠାରେ ଆଜି ଖେଳାଯାଇଥିବା ଭାରତ-ଅଷ୍ଟ୍ରେଲିଆ ମହିଳା ଟି-ଟ୍ୱେଣ୍ଟି କ୍ରିକେଟ୍ ସିରିଜ୍ର ତୃତୀୟ ମ୍ୟାଚ୍ରେ ଭାରତ ୧୭ରନ୍ରେ ବିଜୟୀ ହୋଇଛି । ସିରିଜ୍ର ଏହି

ତୃତୀୟ ତଥା ଅନ୍ତିମ ମ୍ୟାଚ୍‌ରେ ଭାରତ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରିତ ୨୦ ଓଭରରେ ୬ ଓ୍ୱିକେଟ୍ ବିନିମୟରେ ୧୭୬ରନ୍ ସଂଗ୍ରହ କରିଥିଲା । ସ୍ମିତି ମାନ୍ଧାନା ୫୫ ବଲ୍‌ରୁ ୮୨ରନ୍ ସଂଗ୍ରହ କରିଥିଲେ । ୧୭୭ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଅଷ୍ଟ୍ରେଲିଆ ୯ ଓ୍ୱିକେଟ୍ ବିନିମୟରେ ୧୫୯ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ଏହି ବିଜୟ ସହ ଭାରତ ସିରିଜ୍‌କୁ ୨-୧ରେ ଅକ୍ତିଆର କରିଛି ।

## ଓ୍ୱାର୍ଲ୍ଡକପ୍-ଟି-ଟ୍ୱେଣ୍ଟି କ୍ରିକେଟ୍

ଆଇ.ସି.ସି. ଟି-ଟ୍ୱେଣ୍ଟି ପୁରୁଷ ବର୍ଗ କ୍ରିକେଟ୍ ବିଶ୍ୱକପ୍ ପ୍ରତିଯୋଗିତାରେ ଆଜିଠାରୁ ସୁପର୍-ଏଇଟ୍ ପର୍ଯ୍ୟାୟ ମ୍ୟାଚ୍ ଆରମ୍ଭ ହୋଇଛି । ଶ୍ରୀଲଙ୍କାର କଲମ୍ବୋ ସ୍ଥିତ ଆର୍. ପ୍ରେମଦାସା ଷ୍ଟାଡିୟମ୍‌ଠାରେ ପାକିସ୍ତାନ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ମ୍ୟାଚ୍ ଜାରି ରହିଛି । ଟସ୍ ଜିତି ପାକିସ୍ତାନ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଛି ।

ଆସନ୍ତାକାଲି ଅହମ୍ମଦାବାଦ୍‌ଠାରେ ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ମ୍ୟାଚ୍ ଖେଳାଯିବ । ସୁପର୍-ଏଇଟ୍ ପର୍ଯ୍ୟାୟକୁ ପ୍ରଥମ ଗ୍ରୁପ୍‌ରେ ଭାରତ ସମେତ ଦକ୍ଷିଣ ଆଫ୍ରିକା, ଓ୍ୱେଷ୍ଟଇଣ୍ଡିଜ୍ ଓ ଜିମ୍ବାଓ୍ୱେ ରହିଥିବା ବେଳେ

ଦ୍ୱିତୀୟ ଗ୍ରୁପ୍‌ରେ ଶ୍ରୀଲଙ୍କା, ଇଂଲଣ୍ଡ, ନ୍ୟୁଜିଲାଣ୍ଡ ଓ ପାକିସ୍ତାନ ସ୍ଥାନୀତ ହୋଇଛନ୍ତି ।